


# ଆୟୁଷ୍ମାନ ସହକାର

ରାଷ୍ଟ୍ରୀୟ ସହକାରୀ ବିକାଶ ନିଗମ ଆନୁକୂଲ୍ୟରେ
ସମବାୟ ସଂସ୍ଥାମାନଙ୍କ ପାଇଁ ସଂପୂର୍ଣ୍ଣ ସ୍ୱାସ୍ଥ୍ୟ ସୁରକ୍ଷା,
ଭୀତିଭୂମି, ଶିକ୍ଷା ଓ ସେବା ଉପଲକ୍ଷେ ଏକ
ଅନନ୍ୟ ଯୋଜନା / କାର୍ଯ୍ୟକ୍ରମ

**www.ncdc.in**

## ରାଷ୍ଟ୍ରୀୟ ସହକାରୀ ବିକାଶ ନିଗମ

"ରାଷ୍ଟ୍ରୀୟ ସହକାରୀ ବିକାଶ ନିଗମ" ଭାରତ ସରକାରଙ୍କ ୧୯୬୩ ମସିହାର ସଂସଦୀୟ ଆଇନ୍ ଅନୁମୋଦିତ ଏକ ବୈଧାନିକ ସ୍ୱୟଂଚାଳିତ ଶୀର୍ଷ ସଂସ୍ଥା । ଏହି ସଂସ୍ଥା ମୁଖ୍ୟତଃ କୃଷିଜାତ ଦ୍ରବ୍ୟମାନଙ୍କ ଉତ୍ପାଦନ, ପ୍ରକ୍ରିୟାକରଣ, ବିପଣନ, ସଂରକ୍ଷଣ, ଆମଦାନୀ, ରପ୍ତାନି ଆଦି ଲାଗି ଯୋଜନା ପ୍ରଣୟନ କରିବା ସହ ଖାଦ୍ୟ ପଦାର୍ଥ, ଶିଳ୍ପ ପଦାର୍ଥ, ପଶୁ ସମ୍ପଦର ବିକାଶ ସାଧନ ସଂଗେ ସଂଗେ ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ଆନୁଷଙ୍ଗିକ କାର୍ଯ୍ୟସାଧନ କରିଥାଏ । ଏହା ପ୍ରାଥମିକ,ଜିଲ୍ଲାସ୍ତରୀୟ ତଥା ରାଷ୍ଟ୍ରସ୍ତରୀୟ ସହକାର ମାନଙ୍କୁ ପୁଞ୍ଜି ବିତରଣର ପ୍ରାବଧାନ ସୃଷ୍ଟି କରିଥାଏ । ଉକ୍ତ ନିଗମ ଭାରତ ସରକାରଙ୍କ କୃଷି ଓ କୃଷକମଙ୍ଗଳ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ।

ଉକ୍ତ ସଂସ୍ଥା ଗ୍ରାହକ ସହକାର ମାନଙ୍କୁ ସମସ୍ତ ପ୍ରକାର ଦ୍ରବ୍ୟ ତଥା ସେବା ପ୍ରଦାନ ଲାଗି ପ୍ରତିଶ୍ରୁତିବଦ୍ଧ । ଏହା ଏକ "ISO9001:2015" ପ୍ରମାଣପତ୍ର ପ୍ରାପ୍ତ ସଂସ୍ଥା । ନୂଆ ଦିଲ୍ଲୀର ମୁଖ୍ୟ କାର୍ଯ୍ୟାଳୟ ସମେତ ଦେଶର ୧୮ ଗୋଟି ଆଞ୍ଚଳିକ କାର୍ଯ୍ୟାଳୟ ମାଧ୍ୟମରେ ଏହି ନିଗମ ସରଳ ଏବଂ ସ୍ୱଚ୍ଛ ମୂଲ୍ୟାଙ୍କନ ତଥା ଅନୁମୋଦନାଦି କାର୍ଯ୍ୟ ସମ୍ପାଦନ କରେ । ସହକାର ମାନଙ୍କ ପାଇଁ ଏହି ସଂସ୍ଥା ସର୍ବୋତ୍କୃଷ୍ଟ ପସନ୍ଦ ଯୋଗ୍ୟ ଅର୍ଥଯୋଗାଣ କାରୀ ସଂସ୍ଥା ।

## ଆୟୁଷ୍ମାନ ସହକାର

ଭାରତ ସରକାରଙ୍କ କୃଷି, କୃଷକମଙ୍ଗଳ ଓ ସମବାୟ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏନ୍.ସି.ଡ଼ି.ସି. ସ୍ୱାସ୍ଥ୍ୟ କେନ୍ଦ୍ର, ସ୍ୱାସ୍ଥ୍ୟ ସୁରକ୍ଷା ଏବଂ ଶିକ୍ଷା ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗ ଉପରେ କାର୍ଯ୍ୟ ସମ୍ପାଦନ କରିଥାଏ । ଏସବୁ କାର୍ଯ୍ୟ ପାଇଁ ଏହା ପୁଞ୍ଜି ପ୍ରଦାନ କରିଥାଏ ।

**"ଏନ୍.ସି.ଡ଼ି.ସି. ସାହାଯ୍ୟ ପ୍ରାପ୍ତ ପ୍ରାଥମିକ,**

**ଦ୍ୱିତୀୟକ ତଥା ତୃତୀୟ ସ୍ତରୀୟ ସ୍ୱାସ୍ଥ୍ୟ ସଂସ୍ଥା**

**ଗୁଡ଼ିକ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଚାଲିଛନ୍ତି ।"**

**ଆଭିମୁଖ୍ୟ**

୨୦୨୦ ମସିହା ଅଗଷ୍ଟ ୧୫ ତାରିଖରେ ମାନ୍ୟବର ପ୍ରଧାନମନ୍ତ୍ରୀ "ଜାତୀୟ ଡ଼ିଜିଟାଲ ସ୍ୱାସ୍ଥ୍ୟ ମିଶନ" ର ଶୁଭାରମ୍ଭ କରିଛନ୍ତି । ଏହା ଭାରତୀୟ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ତଥା ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ । ଯାନ୍ତ୍ରିକ ବିଜ୍ଞାନର ବିନା ସହାୟତାରେ ଚିକିତ୍ସା ବିଜ୍ଞାନକୁ ଏହା ଏକ ନୂତନ ଦିଗନ୍ତ ପ୍ରଦାନ କରିପାରିବ ।

୨୦୧୭ ମସିହାର ଜାତୀୟ ସ୍ୱାସ୍ଥ୍ୟନୀତି ଦ୍ୱାରା ଅନୁପ୍ରାଣିତ ହୋଇ ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ସଂପର୍କିତ ସମସ୍ତ ବିଭାଗ ଉପରେ ଦୃଷ୍ଟି ନିକ୍ଷେପ କରିବ । ବିଶେଷତଃ ସ୍ୱାସ୍ଥ୍ୟ ସଂସ୍ଥା ଏବଂ ସ୍ୱାସ୍ଥ୍ୟ ସେବାର ଉନ୍ନତୀକରଣ, ଉନ୍ନତ କାରିଗରୀ କୌଶଳର ପ୍ରୟୋଗ, ମାନବ ସମ୍ବଳର ବିକାଶ, ଆର୍ଥିକ ସୁରକ୍ଷା ପ୍ରଦାନ, ଜୀବନ ବୀମାର ପ୍ରଣୟନ ପ୍ରତି ଦୃଷ୍ଟି ଦେବ । ମୋଟ ଉପରେ "ଆୟୁଷ" ସଂଲଗ୍ନ ସାମଗ୍ରିକ ସ୍ୱାସ୍ଥ୍ୟ ସେବା ହିଁ ଏହାର ମୁଖ୍ୟ କାର୍ଯ୍ୟଧାରା ହେବ ।

ସଂଖ୍ୟାଧିକ ସହକାରୀ ସଂସ୍ଥା ପୁଞ୍ଜି ସମସ୍ୟାଜନିତ ଅସୁବିଧା ଯୋଗୁଁ ସ୍ୱାସ୍ଥ୍ୟ ସଂପର୍କିତ ବିଭିନ୍ନ ପାଠ୍ୟକ୍ରମ ଆରମ୍ଭ କରିପାରୁନାହାନ୍ତି । ଏସବୁର ସୁସମାଧାନ ପାଇଁ ଆୟୁଷ୍ମାନ୍ ସହକାର କାର୍ଯ୍ୟକ୍ରମ ନିମ୍ନମତେ ନିଜର ଆଭିମୁଖ୍ୟ ସୃଷ୍ଟି କରିଛି ।

(କ) ସହକାରୀ ସଂସ୍ଥାମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟସେବା ଲାଗି ସହାୟତା ପ୍ରଦାନ ।

(ଖ) ସହକାରୀ ସଂସ୍ଥାମାନଙ୍କ ଦ୍ୱାରା "ଆୟୁଷ" କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ପ୍ରଦାନ ।

(ଗ) ଜାତୀୟ ସ୍ୱାସ୍ଥ୍ୟନୀତିର ଅନୁପାଳନ ଲାଗି ସହକାରୀ ସଂସ୍ଥାମାନଙ୍କୁ ସହାୟତା ଦେବା ।

(ଘ) ଜାତୀୟ ଡ଼ିଜିଟାଲ ସ୍ୱାସ୍ଥ୍ୟ ମିଶନ ରେ ଅଂଶଗ୍ରହଣ ଲାଗି ସହକାରୀ ସଂସ୍ଥାମାନଙ୍କୁ ସାହାଯ୍ୟ କରିବା ।

(ଙ) ବିସ୍ତୃତ ସ୍ୱାସ୍ଥ୍ୟରକ୍ଷା, ଶିକ୍ଷାବ୍ୟବସ୍ଥା, ବୀମାକାର୍ଯ୍ୟକ୍ରମ ଆଦି ପାଇଁ ସହକାରୀ ସଂସ୍ଥାମାନଙ୍କୁ ପ୍ରୋତ୍ସାହିତ କରିବା ।

" ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ଯୋଜନା ଏକ ସୁସ୍ଥ ଭାରତର ସୃଷ୍ଟି ପାଇଁ ଆମ୍ଭମାନଙ୍କ ଉଦ୍ୟମରେ ଏକ ଐତିହାସିକ ଚିହ୍ନ ଆଙ୍କିଦିଏ ଯେଉଁଠାରେ ପ୍ରତ୍ୟକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟ ସୁରକ୍ଷାର ପ୍ରବେଶିକାଧାର ରହିଥିବ – ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ,ମାନ୍ୟବର ପ୍ରଧାନ ମନ୍ତ୍ରୀ" ।

## ଆୟୁଷ୍ମାନ୍ ସହକାର ସଂପୃକ୍ତ କାର୍ଯ୍ୟାବଳି

୧. **ଭିତିଭୂମି :** ସ୍ୱାସ୍ଥ୍ୟକେନ୍ଦ୍ର, ସ୍ୱାସ୍ଥ୍ୟସୁରକ୍ଷା ଏବଂ ଶିକ୍ଷା ଆଦି କ୍ଷେତ୍ରରେ ଆଧୁନିକୀକରଣ, ସଂପ୍ରସାରଣ, ମରାମତି, ପୁନଃନିର୍ମାଣ ଆଦି ଭିତିଭୂମି ପର୍ଯ୍ୟାୟ ଭୁକ୍ତ –

(କ) ସମସ୍ତ ପ୍ରକାର **ଭିତିଭୂମି** ଯଥା –

୧. ମେଡ଼ିକାଲ୍ ଶିକ୍ଷା କ୍ଷେତ୍ରରେ ସ୍ନାତକ ଡିଗ୍ରୀ  ଏବଂ ସ୍ନାତୋକାତର ଡ଼ିଗ୍ରୀ ପାଠ୍ୟକ୍ରମର ସୁବିଧା ।

୨. ଯୋଗ ପ୍ରଶିକ୍ଷଣ କେନ୍ଦ୍ର ।

୩. ଆୟୁର୍ବେଦ, ଭେଷଜ, ୟୁନାନୀ, ସିଦ୍ଧି, ହୋମିଓପ୍ୟାଥି ଏବଂ ଅନ୍ୟାନ୍ୟ ପାରମ୍ପରିକ ସ୍ୱାସ୍ଥ୍ୟ ସୁରକ୍ଷା କେନ୍ଦ୍ର ।

୪. ବୟସ୍କଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ।

୫. ପୀଡା ଉପଶମକାରୀ ସେବା ।

୬. ଭିନ୍ନକ୍ଷମଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ।

୭. ମାନସିକ ସ୍ୱାସ୍ଥ୍ୟ ସେବା ।

୮. ଜରୁରୀ ସ୍ୱାସ୍ଥ୍ୟ ସେବା

୯. ବ୍ୟାୟାମ ଶାଳା

୧୦. ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ କେନ୍ଦ୍ର

୧୧. ସ୍ୱାସ୍ଥ୍ୟ ସମିତି ବା ସ୍ୱାସ୍ଥ୍ୟରକ୍ଷା କେନ୍ଦ୍ର

୧୨. ଆୟୁଷ ଔଷଧ ପ୍ରସ୍ତୁତ

୧୩. ଔଷଧ ପରୀକ୍ଷଣ କେନ୍ଦ୍ର

୧୪. ଦନ୍ତ ଚିକିତ୍ସା କେନ୍ଦ୍ର

୧୫. ଚକ୍ଷୁ ଚିକିତ୍ସା କେନ୍ଦ

୧୬. ଗବେଷଣାଗାର ସେବା

୧୭. ନିଦାନ ସେବା

୧୮. ରକ୍ତ ଭଣ୍ଡାର

୧୯. ପଞ୍ଚକର୍ମ ଚିକିତ୍ସା ସେବା

୨୦. ୟୁନାନୀ ଚିକିତ୍ସା ସେବା

୨୧. ମାତୃସ୍ୱାସ୍ଥ୍ୟ ଏବଂ ଶିଶୁ ସୁରକ୍ଷା

୨୨. ପ୍ରଜନନ ଏବଂ ଶିଶୁ ସୁରକ୍ଷା

୨୩.   ଅନ୍ୟ କୌଣସି ଆନୁସଙ୍ଗିକ ସେବା ସଂସ୍ଥା

(ଖ)   ଟେଲିମେଡ଼ିସିନ

(   ଗ)   ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ସୁରକ୍ଷା ଓ ଶିକ୍ଷା

(ଘ)   ଡିଜିଟାଲ ସ୍ୱାସ୍ଥ୍ୟ ଅନ୍ତର୍ଭୂକ୍ତ ସୂଚନା ଓ ଯୋଗାଯୋଗ ପ୍ରବିଧି

(ଙ)   ସ୍ୱାସ୍ଥ୍ୟବୀମାର ପ୍ରଚଳନ



୨. ଦୈନନ୍ଦିନ କାର୍ଯ୍ୟ ପରିଚାଳନା ପାଇଁ ନ୍ୟୁନତମ ଆବଶ୍ୟକୀୟ ପୁଞ୍ଜି ବ୍ୟବସ୍ଥା ।

୩.  ଦୈନନ୍ଦିନ କାର୍ଯ୍ୟ ପାଇଁ ଆବଶ୍ୟକୀୟ ଚଳନ୍ତି ପୁଞ୍ଜି ବ୍ୟବସ୍ଥା ।

**ଯୋଗ୍ୟତା**

ଯେକୌଣସି ସହକାରୀ ସଂସ୍ଥା କୌଣସି ରାଜ୍ୟ ସହକାରୀ ସଂସ୍ଥା ସହ ଅନୁବନ୍ଧିତ ହୋଇଥିବେ ଅଥବା କୌଣସି ସ୍ୱାସ୍ଥ୍ୟ ସୁରକ୍ଷା ସମ୍ପର୍କିତ କାର୍ଯ୍ୟକ୍ରମ ସହ ସଂଶ୍ଲିଷ୍ଟ ଥିବେ, ସେମାନେ ଏହି ଯୋଜନା ଅନ୍ତର୍ଗତ ଆର୍ଥିକ ସହାୟତା ଲାଗି ଯୋଗ୍ୟ ହୋଇପାରିବେ ।

ଏନ୍.ସି.ଡ଼ି.ସି. ସହାୟତା ସଂପୃକ୍ତ ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳ ସରକାରଙ୍କ ମାଧ୍ୟମରେ ମିଳିପାରିବ ଅଥବା ପ୍ରତ୍ୟକ୍ଷ ଭାବରେ ସହକାରୀ ସଂସ୍ଥାମାନେ ଲାଭ ପାଇପାରିବେ।

ସଂପୃକ୍ତ ସହକାରୀ ସଂସ୍ଥା ଅନ୍ୟ ଯେକୌଣସି ସରକାରୀ ଆର୍ଥିକ ସଂସ୍ଥା ସହ ଯୋଡ଼ି ହେବାରେ କୌଣସି ଆପତି ନାହିଁ ।

**ପ୍ରକଳ୍ପ ମୂଲ୍ୟ**

ବାସ୍ତବ ଆବଶ୍ୟକତା ଅନୁଯାୟୀ

**ଋଣ ଅବଧି**

ଋଣ ଅବଧି ସାଧାରଣ ଭାବେ ୮ ବର୍ଷ । ଅବଶ୍ୟ ୧ ରୁ ୨ ବର୍ଷର ମହଲତ ମିଳିପାରେ ପ୍ରକଳ୍ପର ପ୍ରକାର ଅନୁସାରେ ।

**ସୁଧହାର**

ଏନ୍.ସି.ଡ଼ି.ସି. ର ନିଷ୍ପତି ଅନୁଯାୟୀ ସମୟାନ୍ତରରେ ସୁଧହାର ପରିବର୍ତିତ ହୁଏ । ମହିଳା ସଭ୍ୟ ଯୁକ୍ତ ସମିତି ମାନଙ୍କୁ ୧% ସୁଧ ରିହାତି ପ୍ରଦାନର ସୁଯୋଗ ଦିଆଯାଏ ।

**ବନ୍ଧକ**

ରାଜ୍ୟ ସରକାରଙ୍କ ମାଧ୍ୟମରେ ବା ପ୍ରତ୍ୟକ୍ଷ ଭାବରେ ପୁଞ୍ଜି ଯୋଗାଣ କରାଯାଏ । ନିମ୍ନ ଉପାୟରେ ଏନ୍.ସି.ଡ଼ି.ସି. ର ସନ୍ତୋଷ ଉପଲକ୍ଷେ ବନ୍ଧକ ରଖାଯାଇପାରେ ।

(କ) ଏନ୍.ସି.ଡ଼ି.ସି. ର ଋଣ ପରିମାଣର ଦେଢଗୁଣ ବନ୍ଧକ ସମିତିର ସ୍ଥାବର ଅସ୍ଥାବର ସମ୍ପତି ଭିତିରେ ରଖାଯିବ ।

(ଖ) ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଜାମିନଦ୍ବ ।

(ଗ) ଏନ୍.ସି.ଡ଼ି.ସି. ଋଣର ୧.୨ ଗୁଣ ପାଇଁ ଜାତୀୟକରଣ ବ୍ୟାଙ୍କ୍ ବନ୍ଧକ ସୂତ୍ରରେ ଆବଦ୍ଧ ହୋଇପାରିବେ ।

(ଘ) କେନ୍ଦ୍ରୀୟ ବୈଧାନିକ ସଂସ୍ଥାଦ୍ୱାରା ଜାମିନ୍ ପ୍ରଦାନ ।

(ଙ) ଜାତୀୟକରଣ ବ୍ୟାଙ୍କ୍‌ର ଚୁକ୍ତିନାମା

(ଚ) ଏନ୍.ସି.ଡ଼ି.ସି. ଋଣର ୧.୨ ଗୁଣର ବଣ୍ଡ ବନ୍ଧା ରଖାଯିବାର ବ୍ୟବସ୍ଥା

**ରିହାତି**

ସରକାରୀ ବିଧିବ୍ୟବସ୍ଥା ସ୍ୱରୂପ ରିହାତି ପ୍ରଦାନର ବ୍ୟବସ୍ଥା ରହିଛି ।

**ପୁଞ୍ଜି ବ୍ୟବସ୍ଥା**

ନିମ୍ନ ବ୍ୟବସ୍ଥା ଅନୁଯାଇ ପ୍ରକଳ୍ପ ଗୁଡିକ ସହାୟତା ପ୍ରାପ୍ତ ହୋଇପାରିବେ :-

**ଭିତିଭୂମି ସୃଷ୍ଟି, (ପ୍ରକଳ୍ପ ସୁବିଧା)**

| **ରାଜ୍ୟ ସରକାରଙ୍କ ତରଫରୁ ପୁଞ୍ଜି** | | **ପ୍ରତ୍ୟକ୍ଷ ପୁଞ୍ଜି** |
|---|---|---|
| ରାଜ୍ୟ ସରକାରଙ୍କୁ NCDC ଦ୍ୱାରା | ସମିତିକୁ ରାଜ୍ୟସରକାରଙ୍କ ଦ୍ୱାରା | ସମିତିକୁ NCDC ତରଫରୁ |
| ଋଣ* ୯୦% | ଋଣ* ୫୦%<br>ଅଂଶ ଧନ** ୪୦% | ଋଣ* ୭୦% |
| ସମିତି ଅଂଶ ୧୦% | ସମିତି ଅଂଶ ୧୦% | ସମିତି ଅଂଶ-୩୦% |

*ଅନ୍ୟ କୌଣସି  ସରକାରୀ ଯୋଜନା ରୁ ପୁଞ୍ଜି ଲାଭ କରିଥିଲେ ଋଣ ପରିମାଣ ସମାନୁପାତିକ ଭାବେ ହ୍ରାସ କରାଯାଇପାରେ ।

**ଅଂଶଧନରେ ଯଦି ରାଜ୍ୟ ସରକାରଙ୍କ ଅବଦାନ ରହିନଥାଏ ତାହାଲେ ୪୦% ଋଣ ଭାବରେ ସମିତିପାଇଁ ପରିଗଣିତ ହୁଏ ।

**ଦାଖଲ ପୁଞ୍ଜି**

| **ରାଜ୍ୟ ସରକାରଙ୍କ ତରଫରୁ ପୁଞ୍ଜି** | | **ପ୍ରତ୍ୟକ୍ଷ ପୁଞ୍ଜି** |
|---|---|---|
| ଏନ୍.ସି.ଡ଼ି.ସି. ର ରାଏଚଜ୍ୟ ସରକାରଙ୍କୁ | ରାଜ୍ୟସରକାରଙ୍କ ଦ୍ୱାରା ସମିତିକୁ | ଏନ୍.ସି.ଡ଼ି.ସି. ରୁ ସମିତିକୁ |
| ବ୍ୟାଙ୍କ କ୍ରେଡିଟ୍ ପାଇଁ ଋଣ* ୧୦୦%** | ୧୦୦%** ଋଣ* ବ୍ୟବସ୍ଥା | ଋଣ* ୧୦୦%** |

*ଅନ୍ୟ କୌଣସି  ସରକାରୀ ଯୋଜନା ରୁ ପୁଞ୍ଜି ଲାଭ କରିଥିଲେ ଋଣ ପରିମାଣ ସମାନୁପାତିକ ଭାବେ ହ୍ରାସ କରାଯାଇପାରେ ।

** ଦାଖଲ ପୁଞ୍ଜି ସହାୟତା ଯୋଗ୍ୟତା ମୂଲ୍ୟାଙ୍କନ ଅଧୀନରେ ।

**ଚଳନ୍ତି ପୁଞ୍ଜି**

| **ରାଜ୍ୟ ସରକାରଙ୍କ ଦ୍ୱାରା ପୁଞ୍ଜି** | | **ପ୍ରତ୍ୟକ୍ଷ ପୁଞ୍ଜି** |
|---|---|---|
| ଏନ୍.ସି.ଡ଼ି.ସି. ଦ୍ୱାରା ରାଜ୍ୟ ସରକାରଙ୍କୁ | ରାଜ୍ୟସରକାରଙ୍କ ଦ୍ୱାରା ସମିତିକୁ | ଏନ୍.ସି.ଡ଼ି.ସି. ର ସମିତିକୁ |
| ଆବଶ୍ୟକତା ଅନୁଯାୟୀ | ଋଣ | ଋଣ |

ଯେ କୌଣସି ପ୍ରକଳ୍ପ ପ୍ରାରମ୍ଭ ପୂର୍ବରୁ ଏନ୍.ସି.ଡ଼ି.ସି. ର ନିର୍ଦ୍ଦିଷ୍ଟ ନିୟମାବଳି ପ୍ରଦାନ କରାଯିବା ବିଧେୟ ।

ଏନ୍.ସି.ଡ଼ି.ସି. ର ଅନ୍ୟାନ୍ୟ ଯୋଜନା ଅଥବା ନିୟମାବଳି ଅଥବା ଋଣପ୍ରାପ୍ତିର ନିୟମାବଳି ଅଥବା ସାଧାରଣ ଦରଖାସ୍ତ ବିଧି ସଂପର୍କିତ ସମସ୍ତ ତଥ୍ୟ ୱେବ୍‌ସାଇଟ୍ – www.ncdc.in ରେ

ଉପଲବ୍ଧ । ଏତଦ୍ ବ୍ୟତୀତ ଏନ୍.ସି.ଡ଼ି.ସି. ର ଆଞ୍ଚଳିକ କାର୍ଯ୍ୟାଳୟ ବା ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ ସ୍ଥାପନ କରାଯାଇପାରେ ।



# ଆୟୁଷ୍ମାନ ସହକାର


## ରାଷ୍ଟ୍ରୀୟ ସହକାରୀ ବିକାଶ ନିଗମ

କୃଷି ଏବଂ କୃଷକ ଉନ୍ନୟନ ମନ୍ତ୍ରଣାଳୟ

ଭାରତ ସରକାର

୪, ସିରି ଇନ୍ଷ୍ଟିଚ୍ୟୁସନାଲ ଏରିଆ, ହଜ୍ ଖାସ୍,

ନୂଆ ଦିଲ୍ଲୀ ୧୧୦୦୧୬,

ଭାରତ